# ଦୁର୍ନୀତି ଏକ ରୋଗ ନୁହେଁ, ରୋଗର ଲକ୍ଷଣ ମାତ୍ର

## ଦୁର୍ନୀତିର ତାଣ୍ଡବଲୀଳା

ତଳୁ ଉପର ଯାଏ ସବୁଠି ଦୁର୍ନୀତି ବ୍ୟାପିଗଲାଣି ବୋଲି ବର୍ତ୍ତମାନ ସମସ୍ତେ ହୁରି ଛାଡୁଛନ୍ତି । କି ନେତା କି ଜନତା, ରାଷ୍ଟ୍ରପତି ଠାରୁ ଆର.ଆଇ. ପର୍ଯ୍ୟନ୍ତ ସମସ୍ତେ ମିଶି କହିବାକୁ ଲାଗିଲେଣି, ଦୁର୍ନୀତି ହିଁ ଦେଶର ମୂଳ ସମସ୍ୟା, ଯାହାକୁ ତୁରନ୍ତ ରୋକା ନଗଲେ ଦେଶ ରସାତଳକୁ ଯିବ ସିନା, ଆଉ ଆଗେଇ ପାରିବ ନାହିଁ । ସେମାନେ ପୁଣି କହିଥାନ୍ତି, ଦେଶରେ ସମ୍ବିଧାନ, ବିଧିବିଧାନ, ଅଫିସ୍-ଅଦାଲତ ଆଦି ବ୍ୟବସ୍ଥାମାନ ଥିଲେ କଣ ହେବ, ଆଗକାର ନେତାଏ ନାହାନ୍ତି କି ଲୋକେ ନାହାନ୍ତି, ଜାତୀୟ ଚରିତ୍ର ସଂପୂର୍ଣ୍ଣ କଳୁଷିତ ହୋଇପଡିଲାଣି, ତେଣୁ ଏ ଦେଶରେ ବର୍ତ୍ତମାନ ସିଧା ଓ ସଚ୍ଚୋଟ ବାଟରେ ନ୍ୟାୟ ମିଳିବ ନାହିଁ, କି କୌଣସି ଭଲ କାମ ମୁଣ୍ଡି ମରିପାରିବ ନାହିଁ । ଦୁର୍ନୀତି ସମ୍ବନ୍ଧରେ ଜନମତର ଏହି ଉଜାଣି ପ୍ରବାହକୁ ଲକ୍ଷ୍ୟ କରି ବହୁ ରାଜନୈତିକ ଦଳ 'ନିର୍ମଳ ଓ ସ୍ୱଚ୍ଛ ଶାସନ'ର ଧ୍ୱନିକୁ ସେମାନଙ୍କ ନିର୍ବାଚନ ଇସ୍ତାହାରରେ ମୁଖ୍ୟସ୍ଥାନ ଦେଲେଣି । ଧର୍ମାଶ୍ରୟୀ ଲୋକେ ଭାବିବାକୁ ଆରମ୍ଭ କଲେଣି ଯେ, ଏହି ସଚରାଚର ଦୁର୍ନୀତି କଳିକାଳ ଶେଷ ହେବାର ବିଲକ୍ଷଣ ମାତ୍ର, ଏହା ମଣିଷର ଆୟତ୍ତ ବାହାରେ, କେବଳ ଯାହା ଗୋବିନ୍ଦ ଭରସା । ସାଧାରଣ ଲୋକେ ବାସ୍ତବବାଦୀ ହେବାକୁ ଯାଇ ଧରିନେଇଛନ୍ତି ଯେ, ଚଳନ୍ତି ସ୍ଥିତିକୁ ବଦଳେଇବା ଯେହେତୁ ସେମାନଙ୍କର ସାଧ୍ୟର ବାହାରେ, ତେଣୁ ବଞ୍ଚିବା ପାଇଁ ଏହାର ମୁଖ୍ୟସ୍ରୋତରେ ସାମିଲ୍ ହୋଇ ଏଥିରୁ ଯଥାସମ୍ଭବ ଫାଇଦା ଉଠାଇବା ବରଂ ଶ୍ରେୟସ୍କର । ଉଭୟ ରାଷ୍ଟ୍ର ଓ ନାଗରିକର ଏହି ଅଭାବନୀୟ, ଉଦ୍ଭଟ ସ୍ଥିତିକୁ ଖୁବ୍ ଚମତ୍କାର ଭାଷାରେ ପ୍ରକାଶ କରିଛନ୍ତି, ସମ୍ବିଧାନ କାର୍ଯ୍ୟକାରିତା ସମୀକ୍ଷାକାରୀ ଜାତୀୟ କମିଶନ୍ ୨୦୦୨- Citizens see their government 'besieged by uncontrollable events and are losing faith with institutions. Society is unable to cope with current events'. ….Crisis of leadership, corruption, insensitivity and inefficiency of administration have resulted in extra-legal systems and parallel economies and even parallel governments. Bureaucratic pettifoggeries which cause frustration in people in their daily life has a more serious fallout of pushing more and more people into extralegal systems. ( Chapter 2 Basic Approach and Perspective).। ଅର୍ଥାତ୍ ଅସମ୍ଭାଳ ଘଟଣା-ପ୍ରବାହଦ୍ୱାରା ସେମାନଙ୍କର ସରକାର କବଳିତ ହୋଇପଡିଛି ବୋଲି ନାଗରିକମାନେ ଅନୁଭବ କରନ୍ତି । ନେତୃତ୍ୱର ସଂକଟ ଓ ଦୁର୍ନୀତି ସାଙ୍ଗକୁ ପ୍ରଶାସନିକ ଉପେକ୍ଷା ଓ ଅପାରଗତା ଫଳରେ ଆଇନ୍-ବହିର୍ଭୁତ ବ୍ୟବସ୍ଥା, ସମାନ୍ତରାଳ ଅର୍ଥନୀତି ଓ ଏପରିକି ସମାନ୍ତରାଳ ସରକାରଗୁଡିକ ଜନ୍ମ ନେଇଛି । ଅମଲାଗୋଷ୍ଠୀଙ୍କ ହିନିମାନିଆ କାରବାର ଯୋଗୁଁ ଲୋକମାନେ ତାଙ୍କ ନିତିଦିନିଆ ଜୀବନରେ ହତାଶ ହୋଇପଡିଛନ୍ତି । ଏହାର ଏକ ସାଂଘାତିକ ପରିଣତି ହେଲା, ଅଧିକରୁ ଅଧିକ ଲୋକେ ଆଇନ୍–ବହିର୍ଭୁତ ପନ୍ଥାଗୁଡିକ ଆଡେ ମୁହାଁଉଛନ୍ତି ।

## ରୋଗତତ୍ତ୍ୱ ସମ୍ବନ୍ଧରେ ପଦେ

ଏହି ଲେଖକ ମତରେ, ଦୁର୍ନୀତି ନିଜେ ଏକ ରୋଗ ନୁହେଁ, ବରଂ ଆଉ ଗୋଟିଏ ରୋଗର ଲକ୍ଷଣ, ଯେମିତିକି ଅନ୍ୟ ସହଗାମୀ ଲକ୍ଷଣ ଗୁଡିକ ହେଲା, ପ୍ରଶାସନିକ ଅପାରଗତା, କଳାଧନ, ସମାନ୍ତରାଳ ସରକାର ଇତ୍ୟାଦି । ପ୍ରଶ୍ନ ଉଠୁଛି, ତେବେ ଅସଲ ରୋଗଟି କଣ ? ରୋଗଟିକୁ ବୁଝିବାକୁ ହେଲେ, ଆମକୁ ଟିକେ ରୋଗର ସଂଜ୍ଞା ପ୍ରତି ଧ୍ୟାନ ଦେବାକୁ ହେବ । ଅନେକ ଭାବନ୍ତି ଯେ, ଦେହ ଭିତରେ ଜୀବାଣୁ ବା ଭୁତାଣୁ ପ୍ରବେଶ କଲେ ରୋଗ ହୋଇଥାଏ । କିନ୍ତୁ ବାସ୍ତବ ସତ୍ୟ ହେଉଛି, ବାୟୁ, ଜଳ ସମେତ ସମଗ୍ର ବାତାବରଣରେ ଥିବା ଜୀବାଣୁ ଓ ଭୁତାଣୁମାନ ଆମ ସମସ୍ତଙ୍କ ଭିତରେ ଅହରହ ପ୍ରବେଶ କରୁଥିଲେହେଁ, କେତେକଙ୍କୁ ତଦ୍‌ଜନିତ ରୋଗ ହୋଇଥାଏ, ଅଥଚ ଅନ୍ୟମାନଙ୍କୁ ହୋଇନଥାଏ । ରୋଗ ନହେବାର କାରଣ ହେଲା, ସେମାନଙ୍କ ଦେହରେ ରୋଗ-ପ୍ରତିରୋଧକାରୀ ଶକ୍ତି ବା Immunity ଯଥେଷ୍ଟ ଥାଏ । ଏହି ଆତ୍ମରକ୍ଷା ଶକ୍ତି ଅଧିକ ଥିଲେ ସବୁଦିନେ ମଶା କାମୁଡିଲେବି ମାଲେରଆ ହେବନି, ଅନ୍ୟପଟରେ ଏହା ଦୁର୍ବଳ ଥିଲେ ଗୋଟିଏ ମାତ୍ର ମଶାକାମୁଡାରୁ ଜଣେ ବ୍ୟକ୍ତି ମାଲେରିଆ ଭୋଗିପାରେ; ଏପରିକି ମଶା ଯଦି ନକାମୁଡେ, ତେବେ ଆଉକିଛି ସାମାନ୍ୟ ସଂକ୍ରମଣ କାରଣରୁ ସେ ଅନ୍ୟାନ୍ୟ ରୋଗରେ ପୀଡିତ ହୋଇପାରେ । ଏହି ଦୃଷ୍ଟିରୁ ଶରୀରର ନିଜସ୍ୱ ଆତ୍ମରକ୍ଷା ଶକ୍ତିର ଅଭାବକୁ ରୋଗାବସ୍ଥା ( morbidity) ବୋଲି ସଜ୍ଞାୟିତ କରାଯାଇପାରେ, ଜୀବାଣୁ ବା ଭୁତାଣୁ ହେଉଛି ନିମିତ୍ତ କାରଣ ମାତ୍ର । ଏହି ପରିପ୍ରେକ୍ଷିରେ ଆଉ ଗୋଟିଏ କଥା ସ୍ପଷ୍ଟ ହେବା ଦରକାର, ତାହା ହେଲା, ରୋଗ ଓ ରୋଗର ଲକ୍ଷଣ ଭିତରେ ଫରକ୍ । ଜର ଗୋଟିଏ ରୋଗ ନୁହେଁ, ହୁଏତ୍ ମାଲେରିଆ ବା ଟାଇଫଏଡ୍ ବା କାମଳ ରୋଗ ବା ଆଉକିଛି ରୋଗର ଲକ୍ଷଣ । ନିର୍ଦ୍ଦିଷ୍ଟ ରୋଗ ପାଇଁ ଔଷଧ ନଦେଇ, କେବଳ ଜର କମେଇବାକୁ ଆମେ ଯଦି କ୍ରୋସିନ୍ ଟାବ୍‌ଲେଟ୍ ଦେଇ ଚାଲୁ, ତେବେ ସାମୟିକ ଭାବେ ଜର କମିପାରେ, କିନ୍ତୁ ପୁଣି ଜର ଆସିବା ସହିତ ଅନ୍ୟାନ୍ୟ ବିଲକ୍ଷଣମାନ ନିଷ୍ଚୟ ଦେଖାଦେବ ।

ଏହି ଲେଖକ ମତରେ ଉପରୋକ୍ତ ରୋଗତତ୍ତ୍ୱ ପ୍ରଯୁଜ୍ୟ, କେବଳ ମଣିଷ ପାଇଁ ନୁହେଁ, ସମାଜ ପାଇଁ ମଧ୍ୟ । ବର୍ତ୍ତମାନ ଆମେ ଜାଣିବାକୁ ଚେଷ୍ଟା କରିବା, ଆମ ଜାତିକୁ କେଉଁ ରୋଗ ଗ୍ରାସ କରିଛି, ଯାହାର ଫଳ ସ୍ୱରୂପ ଆମେ ଦୁର୍ନୀତି, କଳାଧନ, ପ୍ରଶାସନିକ ଅପାରଗତା, ସେଚ୍ଛାଚାରିତା, ବେଆଇନ୍ କାରବାର ଭଳି ଅସଂଖ୍ୟ ବିଲକ୍ଷଣ ଓ କୁଲକ୍ଷଣରେ ସନ୍ତାପିତ ହେଉଛେ । ଆଗରୁ ଆଲୋଚନା ହୋଇଛି ଯେ, ରୋଗପ୍ରତିରୋଧକ ବା ଆତ୍ମରକ୍ଷା ଶକ୍ତିର ଅଭାବରୁ ସାମାନ୍ୟ ସଂକ୍ରମଣରେ ମଧ୍ୟ ରୋଗ ମାଡିବସେ । ଆମ ଭାରତୀୟ ସମାଜର ସେହି ଆତ୍ମରକ୍ଷା ଶକ୍ତି କଣ, ଯାହାକୁ ଆମେ ହରାଇ ବସିଛୁ ଏବଂ ପରିଣାମ ସ୍ୱରୂପ ରୁଗ୍‌ଣରୁ ରୁଗ୍‌ଣତର ହୋଇ ଚାଲିଛୁ ?

## ଜୟପ୍ରକାଶଜୀଙ୍କ ଲକ୍ଷଣ-ନିର୍ଣ୍ଣୟ

ଏହି ଜଟିଳ ଜିଜ୍ଞାସାରେ ଅନୁପ୍ରେରିତ ହୋଇ ସ୍ୱାଧୀନତା ପୂର୍ବରୁ ଓ ପରେ ବହୁ ମନୀଷୀ ବିଭିନ୍ନ ବ୍ୟାଖ୍ୟା ଓ ସୂତ୍ରର ଅବତାରଣା କରିଛନ୍ତି । ଏହି ଲେଖକ ମତରେ, ୧୯୫୯ରେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ନିମ୍ନୋକ୍ତ ବକ୍ତବ୍ୟଟି ଅତ୍ୟନ୍ତ ପ୍ରାସଙ୍ଗିକ– "If our present political institutions are to be soundly based, if they are to draw sustenance from Indian soil and in turn, are to sustain, revive and strengthen the whole fabric of Indian society, they must be related to the social genius of India … and their texture must be woven again with an organically self determining, self developing communal life in which occupations, professions and functions are integrated with the community. … A word that figures boldly on the ancient signpost is Dharma. Indian polity held that the State was subject to the rule of Dharma, which it was its duty to uphold and protect… It prescribed and regulated individual and group behaviour in all walks of life… Communal life having been completely destroyed, the roots of

Dharma have no soil from which to draw sustenance. Dharma has therefore declined and ceased to exercise any influence not only upon the present polity, which is a wholly foreign implantation and has no roots in the Indian soil, but upon all social activities such as commerce, education, labour, administration, priesthood. Unless life in India is again organized on the basis of self determining and mutually coordinating and integrating communities, that organic self-regulation of society, which the concept of Dharma represented will not be possible. (A Plea for Reconstruction of Indian Polity 1959) । ମୋଟ ଉପରେ ତାଙ୍କର କହିବାର କଥା ଯେ, ଭାରତୀୟ ସମାଜର ମୂଳ ଭିତ୍ତି ହେଲା, ଗୋଠ-କୈନ୍ଦ୍ରିକ ଏବଂ ସ୍ୱ-ନିୟନ୍ତ୍ରିତ ଜନଜୀବନ, ଯାହାକି ସୁଦୂର ଅତୀତରୁ ଏଠାରେ ଦାନା ବାନ୍ଧିଛି । ଧର୍ମ ଉଭୟ ରାଷ୍ଟ୍ର ଓ ବ୍ୟକ୍ତିକୁ ନିଜର କର୍ତ୍ତବ୍ୟ ପାଳନରେ ଅନୁପ୍ରେରିତ କରିଆସିଛି । କିନ୍ତୁ ବିଦେଶୀ ଢାଞ୍ଚାର ଶାସନ-ବ୍ୟବସ୍ଥା ଆମେ କାଏମ୍ ରଖିଲା ପରେ ଧର୍ମର ଅବସାନ ଘଟିଛି । କିନ୍ତୁ ଯଦି ଆମେ ଧର୍ମର ପୁନରଭ୍ୟୁଦୟ ଚାହିଁବା, ତେବେ ଆମର ଜନଜୀବନକୁ ପୁଣିଥରେ ଗୋଠ-କୈନ୍ଦ୍ରିକ ଓ ସ୍ୱ-ନିୟନ୍ତ୍ରିତ କରି ଗଢ଼ି ତୋଳିବାକୁ ପଡ଼ିବ । ଅବଶ୍ୟ ଏହା ସ୍ପଷ୍ଟ କରିଦେବା ଉଚିତ୍ ଯେ, ଧର୍ମ ବୋଇଲେ ଏଠାରେ ହିନ୍ଦୁ, ମୁସ୍‌ଲିମ୍, ଖ୍ରୀଷ୍ଟିୟାନ୍ ଇତ୍ୟାଦି ସଂପ୍ରଦାୟ-ଭିତ୍ତିକ ଧର୍ମ କଥା କୁହା ଯାଇନାହିଁ, ବରଂ ନୀତିପରାୟଣତା ବା Ethics ଅର୍ଥରେ କୁହାଯାଇଛି । ଏହି ଲେଖକ ଜୟପ୍ରକାଶଙ୍କ ଉପରୋକ୍ତ ବିଶ୍ଳେଷଣ ସହିତ ସଂପୂର୍ଣ୍ଣ ଭାବେ ଏକମତ, ଯଦିଓ ଦୁଃଖିତ ଯେ, ଜୟପ୍ରକାଶ ନିଜେ ପରବର୍ତ୍ତୀ ଅବସ୍ଥାରେ ତାଙ୍କର ଏହି ଚିନ୍ତାଧାରାକୁ ବାସ୍ତବ ରୂପ ଦେବା ପାଇଁ ଯେଉଁ ଅଗ୍ରାଧିକାର ଦେବା କଥା, ତାହା ଦେଇ ପାରି ନାହାନ୍ତି ।

ଉପରୋକ୍ତ ଉଦ୍ଧୃତିରେ ଜୟପ୍ରକାଶ ସ୍ପଷ୍ଟ ଭାଷାରେ କହିଛନ୍ତି ଯେ, ଭାରତର ସାଂପ୍ରତିକ ରାଷ୍ଟ୍ରବ୍ୟବସ୍ଥା ସଂପୂର୍ଣ୍ଣ ରୂପେ ବିଦେଶୀ-ସୃଷ୍ଟ, ଯାହାକି ଭାରତୀୟ ମାଟିରେ ମୋଟେ ଉଧେଇ ପାରିବ ନାହିଁ । ଏହି ଲେଖକ ମତରେ, ବିଦେଶାଗତ ଏହି ବ୍ୟବସ୍ଥା ଯେତେ ପୁରୁଣା ହେଉଛି, ସେତେ ସେତେ ତାହା ଭାରତୀୟ ସମାଜର ଆତ୍ମରକ୍ଷା ଶକ୍ତିକୁ ନଷ୍ଟ କରିଚାଲିଛି ତଥା ଏହାକୁ ଅଧିକରୁ ଅଧିକ ରୁଗ୍‌ଣ କରି ଦେଉଛି । କିନ୍ତୁ ଲକ୍ଷ୍ୟ କରିବାର କଥା, ତୃତୀୟ ବିଶ୍ୱର କେତେକ ଦେଶ, ଯେଉଁ ମାନେକି ଭାରତ ଭଳି ବିଦେଶୀମାନଙ୍କ ଦ୍ୱାରା ପରାଧୀନ ଥିଲେ, ସେମାନେ ସ୍ୱାଧୀନତା ପରେ ନିଜର ଶାସନ-ଢାଞ୍ଚାକୁ ସ୍ୱଦେଶୀ ଚାହିଦା ଅନୁଯାୟୀ ଆମୂଳଚୂଳ ବଦଳାଇ ପାରିଥିବାରୁ ଖୁବ୍ ଶୀଘ୍ର ନିଜ ଗୋଡରେ ଠିଆ ହୋଇ ପାରିଛନ୍ତି ତଥା ବିଶ୍ୱ ଦରବାରରେ ମର୍ଯ୍ୟାଦାର ସ୍ଥାନ ହାସଲ କରି ପାରିଛନ୍ତି ( ଉଦାହରଣ- ମାଲେସିଆ, ସିଙ୍ଗାପୁର, ଚୀନ୍ ଓ ତାଇୱାନ୍ ) ।

## ଭାରତୀୟ ରାଷ୍ଟ୍ର ନିଜେ ଗୋଟିଏ ଏଡ୍‌ସ୍ ରୋଗୀ

ଆମେ ଦେଖିଲେ ଯେ, ଭାରତ ତାର କେବଳ ଆତ୍ମା ନୁହେଁ, ଆତ୍ମରକ୍ଷା ଶକ୍ତି ହରେଇ ବସିଛି ସେବେଠାରୁ, ଯେବେଠାରୁ ଧର୍ମ ପରିବର୍ତ୍ତେ ବେଦେଶୀ-ସୃଷ୍ଟ ଶାସନ-ଢାଞ୍ଚାକୁ ଆପଣେଇ ନେଲା । କୁହା ଯାଇପାରେ, ସେବେଠାରୁ ମଧ୍ୟ ଭାରତ ତାର ଆତ୍ମଘାତୀ ନୀତି ଯୋଗୁଁ ଏକ ଦୁରାରୋଗ୍ୟ ବ୍ୟାଧିରେ ପୀଡିତ ହେଲା, ଯାହାର କୁଲକ୍ଷଣ ଓ ବିଲକ୍ଷଣ ଗୁଡିକ ଅଧିକରୁ ଅଧିକତର ଭାବେ ସାଂଘାତିକ ରୂପରେ ପ୍ରକାଶ ପାଇବାରେ ଲାଗିଛି । ଏହି ବ୍ୟାଧି ଏତେ ମାରାତ୍ମକ ଯେ, ତାହା କେବଳ ଏଡ୍‌ସ୍ (AIDS- Acquired Immuno-Deficiency Syndrome) ଭଳି ମହାବ୍ୟାଧି ସହିତ ତୁଳନୀୟ । କାରଣ ଏହି ରୋଗରେ ମଣିଷର ରୋଗ-ପ୍ରତିରୋଧକ ଶକ୍ତି ପୁରାପୁରି ଲୋପ ପାଉଥିବାରୁ ଯେ କୌଣସି ଛୋଟବଡ ସଂକ୍ରମଣ ତାକୁ ଗ୍ରାସ କରି ଲାଗି ରୁହେ ଏବଂ ରୋଗୀଟିକୁ ଏକ 'ଜୀବନ୍ତ ଶବ'ରେ ପରିଣତ କରିଦିଏ ।

## ଦୁର୍ନୀତିର ଉର୍ବର କ୍ଷେତ୍ର- ଭାରତୀୟ ସଂବିଧାନ

ବର୍ତ୍ତମାନ ଆମେ ଆଲୋଚନା କରିବା, ଭାରତର ପ୍ରଚଳିତ ଶାସନ-ବ୍ୟବସ୍ଥାଟି ରାଷ୍ଟ୍ର ଓ ସମାଜର ସବୁ ସ୍ତରରେ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ କିପରି ନିତ୍ୟନୂତନ ଢଙ୍ଗରେ ଜନ୍ମ ଦେଇ ଚାଲିଛି । **ପ୍ରଥମତଃ,** ୧୯୩୫ ମସିହା ଭାରତ ଶାସନ ଆଇନ୍‌ର ଅନୁଛାୟାରେ ଲିଖିତ ଆମର ସଂବିଧାନର ୨ୟ ସରଣୀ ( Second Schedule) ରେ ଉଲ୍ଲେଖ ଅଛି ଯେ, ରାଷ୍ଟ୍ରପତି ମାଗଣା ବଙ୍ଗଳା, କର୍ମଚାରୀ ଓ ଅନ୍ୟାନ୍ୟ ସୁବିଧାସୁଯୋଗ ସହ ମାସକୁ ୫୦ ହଜାର ଟଙ୍କାର ଦରମା ପାଇବେ । ସେହିପରି ରାଜ୍ୟପାଳ, ବାଚସ୍ପତି, ବିଚାରପତି ଓ ମହାହିସାବସମୀକ୍ଷକ ( CAG ) ଙ୍କ ବେତନ ଓ ଅତିରିକ୍ତ ସୁବିଧାସୁଯୋଗ ସମ୍ବନ୍ଧରେ ସୁନିର୍ଦ୍ଦିଷ୍ଟ ଭାବେ ନିର୍ଦ୍ଦେଶ ରହିଛି । କିନ୍ତୁ ସେମାନଙ୍କର ସୁନିର୍ଦ୍ଦିଷ୍ଟ ଉତ୍ତରଦାୟିତ୍ୱ ସମ୍ବନ୍ଧରେ ସମ୍ବିଧାନରେ କୁତ୍ରାପି ଲେଖା ହୋଇନାହିଁ । ଜଣେ ରାଷ୍ଟ୍ରପତି ବା ରାଜ୍ୟପାଳ ଲୋକସଭା ବା ବିଧାନସଭାରେ ଗୃହୀତ ଏକ ବିଲ୍‌କୁ ଯଦି କିଛି ନକରି ବର୍ଷବର୍ଷ ଧରି ପକାଇ ରଖନ୍ତି, ତେବେ ତାଙ୍କୁ କେହି କୈଫିୟତ ମାଗିପାରିବାର ବ୍ୟବସ୍ଥା ସମ୍ବିଧାନରେ ନାହିଁ । ବିଚାରପତିମାନେ ବର୍ଷବର୍ଷ ଧରି କେଶ୍ ଗୁଡିକୁ ପକାଇ ରଖିଲେ, ସେମାନଙ୍କୁ ଏ ବିଷୟରେ ପଚାରିବାର ଅଧିକାର ସମ୍ବିଧାନ କାହାକୁ ଦେଇନାହିଁ । ବାଚସ୍ପତି ଗୃହକୁ ଠିକ୍ ରୂପେ ପରିଚାଳନା କରିନପାରିଲେ, ତାଙ୍କର ସାମ୍ବିଧାନିକ ପ୍ରାପ୍ୟ ଏଥିପାଇଁ ଊଣା ହେବାର ନାହିଁ । ମହାହିସାବସମୀକ୍ଷକ ଯଦି କୌଣସି ସରକାରୀ ଉଦ୍ୟୋଗର ଦୁର୍ନୀତିକୁ ଘୋଡେଇ ଥାନ୍ତି, ଏଥିସକାଶେ ତାଙ୍କର ନିୟମିତ ପ୍ରାପ୍ୟ ଉପରେ ଆଞ୍ଚ ଆସିବାର ସମ୍ଭାବନା ନାହିଁ । ଦେଶରେ ମହାମାରୀ ପଡୁ ବା ଦେଶ ଦେଉଳିଆ ହୋଇଯାଉ, ଏହିସବୁ ସର୍ବୋଚ୍ଚ ସାମ୍ବିଧାନିକ କର୍ତ୍ତୃପକ୍ଷମାନଙ୍କୁ ସେମାନଙ୍କର ପ୍ରାପ୍ୟ ରାଜକୋଷରୁ ଯୋଗାଇ ଦେବାକୁ ପଡିବ, କାରଣ ଏହା ସମ୍ବିଧାନର ନିର୍ଦ୍ଦେଶ । ଏହା ଏକ ସ୍ୱତଃସିଦ୍ଧ କଥା ଯେ, ଉତ୍ତରଦାୟିତ୍ୱର ଅଙ୍କୁଶ ନଥାଇ ଯଦି ଜଣେ ପଦାଧିକାରୀଙ୍କୁ ପୁରା ବେତନ ଓ ସୁବିଧାସୁଯୋଗ ଦିଆଯାଏ, ତେବେ ସେ ନାଗରିକମାଙ୍କ ପ୍ରତି ନିଜର କର୍ତ୍ତବ୍ୟରେ ହେଳା କରିବେ ଏବଂ ସୁଯୋଗ ଉଣ୍ଡି ଦୁର୍ନୀତି ମଧ୍ୟ କରିବେ । 'ଉତ୍ତରଦାୟିତ୍ୱ ବିନା ସୁବିଧାଭୋଗ' ( Privileges without Accountability), ଯାହାକି ରାଷ୍ଟ୍ରର ସର୍ବୋଚ୍ଚ କର୍ତ୍ତୃପକ୍ଷମାନଙ୍କର ସମ୍ବିଧାନ-ପ୍ରଦତ୍ତ ଅଧିକାର, ତାହା ଦେଶର ସମଗ୍ର କର୍ମଚାରୀ ଗୋଷ୍ଠୀଙ୍କର ଆଦର୍ଶ ହୋଇପଡିଛି ।

**ଦ୍ୱିତୀୟତଃ** ଆମ ଦେଶରେ ଆଗେ ଲୋକମାନେ ସେମାନଙ୍କ କଳିଝଗଡାକୁ ଗାଁର ପଞ୍ଚ ଦ୍ୱାରା ମୀମାଂସା କରାଇ ନେଇ ପାରୁଥିଲେ । ଅନ୍ୟ ଲୋକମାନଙ୍କ ସାମନାରେ ସାକ୍ଷ୍ୟପ୍ରମାଣ ଗ୍ରହଣ କରାଯାଇ ତୁରନ୍ତ ମାମଲା ଗୁଡିକର ଫଇସଲା କରାଯାଇ ପାରୁଥିଲା । ଲୋକମାନଙ୍କୁ କିଛି ଖର୍ଚ୍ଚ କରିବାକୁ ପଡୁନଥିଲା । କିନ୍ତୁ ସମ୍ବିଧାନ ଯେଉଁ ନ୍ୟାୟବ୍ୟବସ୍ଥାକୁ ସ୍ୱୀକୃତି ଦେଇଛି, ତାହା ବେତନ ଭୋଗୀ ବିଚାରପତିଙ୍କୁ ନେଇ ଅମଲାତାନ୍ତ୍ରିକ ଢଙ୍ଗରେ ଗଠିତ ଓ ପରିଚାଳିତ । ଅନ୍ୟ ପାଶ୍ଚାତ୍ୟ ଦେଶ ଭଳି ଏଠାରେ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରିବା ପାଇଁ ଜୁରି (Jury) ପଦ୍ଧତି ନାହିଁ । ବର୍ତ୍ତମାନର ବିଚାରପତିମାନେ ଏକାଧାରରେ ସାକ୍ଷ୍ୟପ୍ରମାଣର ସତ୍ୟାସତ୍ୟ ନିର୍ଣ୍ଣୟ କରିଥାନ୍ତି ଓ ରାୟ ମଧ୍ୟ ଶୁଣାଇଥାନ୍ତି । ଏହିପରି ସେମାନେ ଅମାପ କ୍ଷମତାର ଅଧିକାରୀ । କୋର୍ଟ ଗୁଡିକ ଘଟଣା ସ୍ଥଳଠାରୁ ବହୁଦୂରରେ ଅବସ୍ଥିତ ଏବଂ ବିଚାରପତିମାନେ ଲୋକମାନଙ୍କ ଜୀବନ ସହ ସଂପୃକ୍ତ ନୁହଁନ୍ତି । ଆଗେ ଆମ ଦେଶରେ ଓକିଲ ନଥିଲେ । ଲୋକମାନେ ନିଜେ ହିଁ ନିଜ ପକ୍ଷର ଓକିଲାତି କରୁଥିଲେ । କହିବା ବାହୁଲ୍ୟ, ଓକିଲାତି ଗୋଟିଏ ପେଷା, ଯାହାକୁ ଜଣେ କରିଥାଏ ମୂଳତଃ ପଇସା ରୋଜଗାର ପାଇଁ । ତେଣୁ ଏହି ବ୍ୟବସ୍ଥାରେ

ଉଭୟ ଓକିଲ ଓ ବିଚାରପତିଙ୍କ ସମେତ ମୋକଦ୍ଦମାର ରାୟକୁ ପଇସା ବିନିମୟରେ କିଣିନେବାର ସମ୍ଭାବନା ରହିଛି । ସେହିପରି ଆମେ ଯେ କୌଣସି ଫୌଜଦାରୀ ମାମଲାରେ ଗାଁ ବାହାରକୁ ଆସି ଥାନାରେ ଫୋଲିସ୍ ପାଖରେ ଏତଲା ଦେଇଥାଉ । ପୋଲିସ୍ ଆମ ଗାଁର ଲୋକ ନୁହେଁ କି ଆମେ ଗାଁ ବାଲା ପୋଲିସ୍‌କୁ ସେ ଜାଗାରେ ବସାଇନାହୁଁ । କିନ୍ତୁ ତଦନ୍ତ ଭାର ତା ଉପରେ । ବେତନଭୋଗୀ କର୍ମଚାରୀ ପୋଲିସ୍ ବାବୁ ପଇସା ଦ୍ୱାରା କିଣି ହୋଇ ଧନଶାଳୀର ପକ୍ଷପାତିତା କରିବା ସ୍ୱାଭାବିକ । ସେହି ଯୋଗୁଁ ପ୍ରବାଦବାକ୍ୟ ଅଛି- ମାଛ ଖାଇବ ଇଲିସି, ଚାକିରୀ କରିବ ପୋଲିସ୍ । ଗୋଟିଏ ମୋକଦ୍ଦମାର ତଦନ୍ତ ଓ ବିଚାର ପାଇଁ ସମୟସୀମାର କଟକଣା ସମ୍ବିଧାନ ଠିକ୍ କରିନାହିଁ । ତେଣୁ ଅନନ୍ତକାଳ ପାଇଁ ଗୋଟିଏ ମୋକଦ୍ଦମା ପଡିରହେ ।

**ତୃତୀୟତଃ** ଆମ ସମ୍ବିଧାନର ୩୧୧ ଧାରାରେ ସ୍ଥାୟୀ ପ୍ରଶାସନିକ ସେବା (Permanent Civil Service) କୁ ସ୍ୱୀକୃତି ଓ ଅତିରିକ୍ତ ସୁରକ୍ଷା ଦିଆଯାଇଛି । ଅର୍ଥାତ୍ ଆଇ.ଏ.ଏସ୍. ଓ ଆଇ.ପି. ଏସ୍. ଭଳି ପ୍ରଶାସନିକ ସେବାର ଅଧିକାରୀଙ୍କୁ ଲୋକଙ୍କ ଅଭିଯୋଗ ଭିତ୍ତିରେ ସଂସଦ କିମ୍ବା ବିଧାନ ସଭା ସିଧାସଳଖ ବରଖାସ୍ତ କରିରିବେ ନାହିଁ । ସେମାନଙ୍କର ଚାକିରୀ ନିୟମାବଳୀ ଭାରତ ସରକାରଙ୍କ ଏକ ସ୍ୱତନ୍ତ୍ର ଅମଲାଗୋଷ୍ଠୀଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଅଥଚ ଏହି ସେବାଗୁଡ଼ିକର ଅଧିକାରୀମାନେ ଚାହିଁବା ମାତ୍ରେ ସେମାନଙ୍କ ଅଧସ୍ତନ କର୍ମଚାରୀଙ୍କୁ ସିଧାସଳଖ ବରଖାସ୍ତ କରିପାରିବେ । ଜାତୀୟ କମିଶନ୍‌ଙ୍କ ମତରେ ଏହି ସେବାଗୁଡ଼ିକ ଇଂରେଜମାନେ ସେମାନଙ୍କ ଔପନିବେଶିକ ଶାସନର ଲୌହପିଣ୍ଡ ରୂପେ ପ୍ରବର୍ତ୍ତନ କରିଥିଲେ, ଯାହାର ପ୍ରାସଙ୍ଗିକତା ସ୍ୱାଧୀନ ଭାରତରେ ଆଉ ନାହିଁ ଏବଂ ସେମାନଙ୍କୁ ସମ୍ବିଧାନରେ ଦିଆଯାଇଥିବା ଅମାପ କ୍ଷମତା ଓ ସୁରକ୍ଷାର ଦୁରୁପଯୋଗ କରି ସେମାନେ ଦୁର୍ନୀତି ଓ ପ୍ରଶାସନିକ ଅପାରଗତାର ଧାରକ ବାହକ ସାଜିଛନ୍ତି ।

**ଚତୁର୍ଥତଃ** ବର୍ତ୍ତମାନର ସମ୍ବିଧାନରେ କେବଳ ଦଳବଦଳ ସଂପର୍କୀତ ବ୍ୟାପାରକୁ ଛାଡି, ରାଜନୈତିକ ଦଳମାନଙ୍କର ଭିତର ଓ ବାହାର ଆଚରଣକୁ ନିୟନ୍ତ୍ରଣ କରିବା ପାଇଁ କୌଣସି ବ୍ୟବାସ୍ଥା ନାହିଁ । ପରିଣାମ ସ୍ୱରୂପ, ଗଣତନ୍ତ୍ରକୁ ରକ୍ଷା କରିବାପାଇଁ ଡିଣ୍ଡିମ ପିଟୁଥିବା ଦଳମାନେ ନିଜେ ଦଳ ଭିତରେ ନିର୍ବଚନ କରନ୍ତିନାହିଁ । ସେମାନେ ନିର୍ମଳ ଓ ସ୍ୱଚ୍ଛ ଶାସନର ଧ୍ୱନି ଦିଅନ୍ତି, ଅଥଚ ନିଜେ କେଉଁଠୁ ଚାନ୍ଦା ଆଣନ୍ତି ଓ କିପରି ଖର୍ଚ୍ଚ କରନ୍ତି, ତହିଁର ହିସାବ ରଖନ୍ତିନି ବା କାହାକୁ ଦିଅନ୍ତିନି । ଜାତୀୟ କମିଶନ୍‌ଙ୍କ ମତରେ ରାଜନୈତିକ ଦଳମାନେହିଁ କଳାଧନର ସବୁଠୁ ବଡ ପରିବାହକ ହୋଇ ପଡିଛନ୍ତି । ଏହି ଦଳଗୁଡିକ ଉପରେ ଲୋକମାନଙ୍କର କୌଣସି ଆୟତ୍ତ ନାହିଁ । ଅଥଚ, ଅନ୍ୟପଟରେ ଅର୍ଥ, କ୍ଷମତା ଓ ବାହୁ ବଳ ଦ୍ୱାରା ଜନମତକୁ ପ୍ରଭାବିତ କରି ନିର୍ବାଚନରେ ଯେନତେନ ପ୍ରକାରେଣ ଜିତିବାକୁ ଚେଷ୍ଟା କରିଥାନ୍ତି ।

**ପଞ୍ଚମତଃ** ପଞ୍ଚାୟତି ବ୍ୟବସ୍ଥା ପ୍ରାଚୀନ କାଳରୁ ଭାରତୀୟ ଶାସନ ବ୍ୟବସ୍ଥାର ମୂଳଭିତ୍ତି ରୂପେ ରହିଆସିଥିଲା । କିନ୍ତୁ ସଂବିଧାନ ଘୋଷଣା ବେଳେ ରାଷ୍ଟ୍ରପାଇଁ ନୀତିନିର୍ଦ୍ଦେଶିକା ନିୟମାବଳୀରେ କେବଳ ଗୋଟିଏ ଧାଡିରେ ଲେଖାଗଲା ଯେ, ପଞ୍ଚାୟତି ସଂସ୍ଥାଗୁଡିକୁ ଦେଶର ସ୍ୱୟଂଶାସିତ ଶାସନ ପ୍ରଣାଳୀର ଏକକରୂପପେ ପ୍ରୋତ୍ସାହିତ କରାଯିବ । ସଂବିଧାନର ଏହି ଧାରା ଲୋକଙ୍କର ଏକ ମୌଳିକ ଅଧିକାର ନୁହେଁ, ବରଂ ରାଷ୍ଟ୍ରର ଏକ ସ୍ୱେଚ୍ଛିକ ବ୍ୟାପାର । ୭୩ତମ ଓ ୭୪ତମ ସଂଶୋଧନ ୧୯୯୨ ଅନୁଯାୟୀ ପଞ୍ଚାୟତ ଗୁଡିକ ୨୯ ବିଷୟ ଓ ନଗରପାଳିକା ଗୁଡିକ ୧୬ଟି ବିଷୟ ନିଜେ ବୁଝିବା କଥା । କିନ୍ତୁ ସମ୍ବିଧାନର ମୂଳଗଣ୍ଡିଟି ଏପରି ଏକ କେନ୍ଦ୍ରୀଭୂତ ଓ ମଥାଭାରୀ ଶାସନବ୍ୟବସ୍ଥାକୁ ଟେକି ଧରିଛି ଯେ, ତାହା ନଭାଙ୍ଗିଲେ ପଞ୍ଚାୟତି ବ୍ୟବସ୍ଥାର ଯଥାର୍ଥ ସଶକ୍ତୀକରଣ ହୋଇପାରିବ ନାହିଁ । ଜାତୀୟ କମିଶନ୍‌ଙ୍କ ମତରେ ଶାସନର ଉପର ସ୍ତରଗୁଡିକ ନିଜ ହାତରୁ ପଞ୍ଚାୟତ ଉପରେ ଜାହିର କରିଆସିଥିବା ରାଜନୈତିକ ଓ ଆର୍ଥିକ କ୍ଷମତାକୁ ହାତଛଡା କରିବାକୁ ଚାହାଁନ୍ତି ନାହିଁ । ସେମାନଙ୍କ ପାଇଁ ଦିଲ୍ଲୀ ବା ଭୁବନେଶ୍ୱରେ କରାଯାଉଥିବା ଯୋଜନାଗୁଡିକରେ ପଞ୍ଚାୟତମାନଙ୍କର କୌଣସି ଭୂମିକା ନାହିଁ । ସେହିପରି ସେମାନଙ୍କ ପାଇଁ ଉପରୁ ବରାଦ ହେଉଥିବାର ଅର୍ଥ ଉପରେ ସେମାନଙ୍କର ନିୟନ୍ତ୍ରଣ ଅତ୍ୟନ୍ତ ଗୌଣ । ଏହା ବର୍ତ୍ତମାନ ସାବ୍ୟସ୍ତ ହୋଇଗଲାଣି ଯେ, ମଞ୍ଜୁର ଅର୍ଥର ମାତ୍ର ଶତକଡା ୧୫ ଭାଗ ତଳସ୍ତରରେ ପହଞ୍ଚୁଛି, ବାକୀ ସିଂହଭାଗ ରାଜନେତା, ପ୍ରଶାସକ ଓ ଠିକାଦାରଙ୍କ ଭିତରେ ବାଣ୍ଟକୁଣ୍ଟ ହେଉଛି ।

**ଷଷ୍ଠତଃ** ବର୍ତ୍ତମାନ ସାଂସଦ ଓ ବିଧାୟକ ମାନଙ୍କୁ ନିଜ ନିଜ ନିର୍ବଚନ ମଣ୍ଡଳୀରେ ଖର୍ଚ୍ଚ କରିବାକୁ ଯେଉଁ ଲାଡ୍ ( LAD) ନାମକ ହାତପାଣ୍ଠି ଦିଆଯାଉଛି, ତାହାର ହିସାବ ଦେବାପାଇଁ ସେମାନେ ବାଧ୍ୟ ନୁହଁନ୍ତି । ଜାତୀୟ କମିଶନ୍‌ଙ୍କ ମତରେ ଏହି ପାଣ୍ଠି ମୂଳତଃ ନିର୍ବାଚନକୁ ଆଖିଆଗରେ ରଖି ସେମାନଙ୍କ ଦଳୀୟ କର୍ମୀ ତଥା ପ୍ରିୟାପ୍ରୀତି ତୋଷଣରେ ଅପବ୍ୟୟ ହୋଇଥାଏ । ସାଂସଦ ଓ ବିଧାୟକମାନଙ୍କର ମୂଳ ଭୂମିକା ହେଲା, ଆଇନ୍ ତିଆରି କରିବା, ଆଞ୍ଚଳିକ ଉନ୍ନୟନ ନୁହେଁ । ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ନଥିବା ଏହି ଲାଡ୍ ପାଣ୍ଠିର କାରବାର ଫଳରେ ଲୋକ ପ୍ରତିନିଧିମାନଙ୍କ ଦ୍ୱାରା ସିଧାସଳଖ ଦୁର୍ନୀତିକୁ ଖୋଲାଖୋଲି ଭାବେ ପ୍ରୋତ୍ସାହିତ କରାଯାଉଛି ।

**ସପ୍ତମତଃ** ସମ୍ବିଧାନର ୩ୟ ସରଣୀ ( Third Schedule)ରେ ଥିବା ମନ୍ତ୍ରୀମାନଙ୍କପାଇଁ ଗୋପନୀୟତାର ଶପଥ ବ୍ୟବସ୍ଥା (Oath of Secrecy) ଆଉ କୌଣସି ଗଣତାନ୍ତ୍ରିକ ରାଷ୍ଟ୍ରରେ ନାହିଁ । ଭାରତର ପୂର୍ବତନ ମୁଖ୍ୟ ଭିଜିଲାନ୍‌ସ କମିଶନର୍ ଏନ୍. ଭିଟଲ୍‌ଙ୍କ ମତରେ ଗୋପନୀୟତାହିଁ ଦୁର୍ନୀତିର ମୂଳ ଉତ୍ସ । ପ୍ରଚଳିତ ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ମନ୍ତ୍ରୀମାନେ ଏକାଧାରରେ ଆଇନ୍ ପ୍ରଣୟନ ସଭାର ସଦସ୍ୟ ତଥା ପ୍ରଶାସନିକ ବିଭାଗର ମୁଖ୍ୟ । ସେମାନେ ଯଦି ଲୋକଙ୍କୁ ସରକାରୀ ତଥ୍ୟ ଜଣାଇବେ ନାହିଁ ବୋଲି ଗୋପନୀୟତାର ଶପଥ ନିଅନ୍ତି, ତେବେ ପ୍ରଶାସନିକ ବ୍ୟବସ୍ଥାରେ ସ୍ୱଚ୍ଛତା ଆସିବ କିପରି ? ଏହି ଲେଖକ ମତରେ ସମ୍ବିଧାନରେ ଗୋପନୀୟତାର ଶପଥ ବ୍ୟବସ୍ଥା ଥିବା ଯାଏ, ସୂଚନାର ସ୍ୱାଧୀନତା ଆଇନ୍, ୨୦୦୨ ବାସ୍ତବ ଅର୍ଥରେ କାର୍ଯ୍ୟକାରୀ ହୋଇପାରିବ ନାହିଁ ।

ଏହିପରି ଭୁରିଭୁରି ଦୃଷ୍ଟାନ୍ତ ଦିଆଯାଇ ପାରେ, ଯଦ୍ୱାରା ଆମର ସମ୍ବିଧାନ ଓ ଆଇନ୍‌ଗତ ବ୍ୟବସ୍ଥାମାନ ସମାଜରେ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ପ୍ରଶ୍ରୟ ଓ ପ୍ରୋତ୍ସାହନ ଦେଇଚାଲିଛି ତଥା ଏହା ସହିତ କଳାଧନ, ପ୍ରଶାସନିକ ଅପାରଗତା, ବିଡମ୍ବିତ ନ୍ୟାୟବ୍ୟବସ୍ଥା, ସାଂପ୍ରଦାୟିକତା, ପଶ୍ଚାତପଦତା ତଥା ଉତ୍କଟ ଦାରିଦ୍ର୍ୟକୁ ବଞ୍ଚାଇ ରଖିଛି । ସୁତରାଂ ଏହି ଲେଖକ ପୁଣି ନିଜର ମତ ଦୋହରାଇବାକୁ ଚାହେଁ, ଦୁର୍ନୀତି ହେଉଛି ଏକ ଲକ୍ଷଣ ମାତ୍ର, ରୋଗଟି ହେଲା, ଭାରତୀୟ ଜନଜୀବନ ସହିତ ସଂପୂର୍ଣ୍ଣ ରୂପେ ବେଖାପ୍ ହୋଇପଡିଥିବା ଜରାଜୀର୍ଣ୍ଣ, ପଙ୍ଗୁ ଓ ଅନର୍ଥକାରୀ ସାଂବିଧାନିକ ଓ ରାଷ୍ଟ୍ର ବ୍ୟବସ୍ଥା । ସେହି ରୋଗଟିର ଚିହ୍ନଟ ଓ ଚିକିତ୍ସା କରିବାର ଅବ୍ୟର୍ଥ ଡାକ୍ତର ହେଉଛନ୍ତି ଖୋଦ୍ ଜନସାଧାରଣ, କୌଣସି ଦଳ କି ନେତା ନୁହଁନ୍ତି ।

**ଚିତ୍ତ ବେହେରା, ୪ଏ, ଜୁବୁଲି ଟାୱାର, ଚୌଧୁରୀ ବଜାର, କଟକ-୯, ଫୋନ୍- ୨୬୨୧୦୯୭**